ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/AG&FE (OD))/1386/04-03-2021**

# କାଜୁ ଚାଷ ପାଇଁ ଜାତୀୟ ସ୍ତରରେ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ସମ୍ମାନିତ

ଭୁବନେଶ୍ୱର, ତା.୦୪/୦୩/୨୦୨୧

କାଜୁ ଚାଷରେ ଏବଂ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଯୋଗୁ ଓଡ଼ିଶା କାଜୁ ନିଗମ ଜାତୀୟ ସ୍ତରରେ ପୁରସ୍କୃତ ହୋଇଛି । ଗୋଆର ପାଣାଜୀଠାରେ ଭାରତ ସରକାରଙ୍କ କୃଷି ଓ ସମବାୟ ବିଭାଗ ଏବଂ କୋଚିସ୍ଥିତ କାଜୁ ଓ କୋକୋଆ ଉନ୍ନୟନ ନିର୍ଦ୍ଦେଶାଳୟ ଦ୍ୱାରା ଆୟୋଜିତ ଆଲୋଚନଚକ୍ର ଓ ଜାତୀୟ ସ୍ତରୀୟ ସମ୍ମିଳନୀ ଅବସରରେ ଓଡ଼ିଶାକୁ ସମ୍ମାନିତ କରାଯାଇଥିଲା । କାଜୁ ଚାଷର ପ୍ରଚାର ଓ ପ୍ରସାର ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଦାନନ୍ଦ ନାୟକ ଓ ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ଉନ୍ନୟନର ନିର୍ଦ୍ଦେଶକ ଶ୍ରୀ ହେମନ୍ତ କୁମାର ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା । ସଂପ୍ରତି କାଜୁ ଉତ୍ପାଦନରେ ଓଡ଼ିଶା ଭାରତବର୍ଷରେ ତୃତୀୟ ସ୍ଥାନରେ ରହିଛି । ମହାରାଷ୍ଟ୍ର ଏବଂ ଆନ୍ଧ୍ରପ୍ରଦେଶ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।

ଓଡ଼ିଶାରେ ସମୁଦାୟ ୨ ଲକ୍ଷ ୧୩ ହଜାର ହେକ୍ଟର ଜମିରେ କାଜୁ ଚାଷ ହେଉଥିବାବେଳେ ଏଥିରୁ ବାର୍ଷିକ ୧,୧୫,୧୮୮ ମେଟ୍ରିକ୍ ଟନ କାଜୁ ମଞ୍ଜି ଉତ୍ପାଦନ ହେଉଅଛି ଏବଂ ହେକ୍ଟର ପିଛା ଉତ୍ପାଦନ ହାର ୯୭୦ କିଲୋଗ୍ରାମ ରହିଛି । କାଜୁ ଉନ୍ନୟନ ନିଗମର ବିଭିନ୍ନ ନର୍ସରୀରୁ ୨୦୨୦-୨୧ ବର୍ଷରେ ପ୍ରାୟ ୩୨ ଲକ୍ଷ କାଜୁ କଲମୀ ଚାରା ଉତ୍ପାଦନ ହୋଇଛି । ସର୍ବାଧିକ ଜମିରେ କାଜୁଚାଷ କରିବା ଏବଂ ସର୍ବାଧିକ ସଂଖ୍ୟକ କାଜୁ କଲମୀ ଚାରା ଉତ୍ପାଦନ କରିବାରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି ।

ଦୁଇଦିନିଆ ଏହି ଜାତୀୟ ସମ୍ମିଳନୀରେ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମର ଅଧ୍ୟକ୍ଷ ଶ୍ରୀ ଅମରେନ୍ଦ୍ର ଦାସ, ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଦାନନ୍ଦ ନାୟକ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ଶ୍ରୀ ହେମନ୍ତ କୁମାର ପଣ୍ଡା, ଅର୍ଥ ପରିଚାଳକ ଶ୍ରୀ ପ୍ରତାପଚନ୍ଦ୍ର ସାହୁ, କ୍ଷେତ୍ର ପରିଚାଳକ ଶ୍ରୀ ରବି ସେଠୀ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. କସ୍ତୁରୀ ଚରଣ ବାରିକ ଏବଂ ଡ. ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ରାଜ୍ୟରୁ କାଜୁ ବିଶେଷଜ୍ଞ, ଅଗ୍ରଣୀ ଚାଷୀ ଏବଂ ଯୁବ କୃଷି ଉଦ୍ୟୋଗୀ ଯୋଗଦେଇଥିଲେ ।

ତାପସ ସାହା
ସୂଚନା ଅଧିକାରୀ